Dharitri, November 28, 2016

ଜିଏମ୍‌ଆର ଡିଏଭି ସ୍କୁଲରେ ଟ୍ୟାଲେଣ୍ଟ ହଣ୍ଟ

ଓଡ଼ାପଡ଼ା, ୨୭।୧୧(ଡି.ଏନ.ଏ.)–ଢେଙ୍କାନାଳ ଜିଲା କମଳାଙ୍ଗସ୍ଥିତ ଜିଏମ୍‌ଆର ଭରଲକ୍ଷ୍ମୀ ଡିଏଭି ପବ୍ଲିକ ସ୍କୁଲରେ ଶନିବାର ଛାତ୍ରୀଛାତ୍ରମାନଙ୍କର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଟ୍ୟାଲେଣ୍ଟ ହଣ୍ଟ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଜିଏମ୍‌ଆର କମଳାଙ୍ଗ ଏନର୍ଜୀ ଲିମିଟେଡ୍‌ର ଚିଫ୍ ଅପରେଟିଂ ଅଫିସର ରମେଶ ଆର ପାଇ ଓ ସନ୍ଧ୍ୟାରାଣୀ ପାଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବୈଜ୍ଞାନିକ ତତ୍ତ୍ୱକୁ ନେଇ ସାମାଜିକ ବିଜ୍ଞାନ, ଗଣିତ, କଳା ଓ ସଂସ୍କୃତିକୁ ନେଇ ୨୦୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ପ୍ରିନ୍ସିପାଲ ଅହଲ୍ୟାବାଈ ସାହୁ ଓ ଜିକେଇଏଲ୍ ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀଜିତ୍ ମିଶ୍ର ଉପସ୍ଥିତ ଥିଲେ।

ଅତିଥିମାନେ ଏକ ପ୍ରକଳ୍ପକୁ ଦେଖୁଛନ୍ତି।

'Talent Hunt' at GMR Varalakshmi DAV Public School